# ଭାରତୀୟ ଜନତା ପାର୍ଟି, ଓଡିଶା

ଧାନ ମଣ୍ଡିରେ ଚାଷୀଙ୍କୁ ଉଚିତ୍ ମୂଲ୍ୟ ମିଳୁନଥିବା ପ୍ରସଙ୍ଗରେ

# ଚାଷୀଙ୍କଠୁ ଲୁଟ୍ କରାଯାଉଥିବା ଟଙ୍କା ସିଧାସଳଖ ମନ୍ତ୍ରୀଙ୍କ ପକେଟ୍ ଯାଉଛି :ବିଜେପି

- **୪-୫ କିଲୋରୁ ଅଧିକ ଧାନ ନକାଟିଲେ ମିଲରମାନେ ମଣ୍ଡିରୁ ଧାନ ଉଠାଉନାହାନ୍ତି**
- **ରାଜ୍ୟରେ ଯେଉଁଭଳି ଭାବେ ସରକାର ଚାଷୀମାନଙ୍କୁ ଶୋଷଣ କରୁଛନ୍ତି ଆଗାମୀ ଦିନରେ ଓଡିଶାବାସୀ ସଠିକ୍ ଜବାବ ଦେବେ**
- **୧୦୦୦-୧୨୦୦ ଚାଷୀଙ୍କଠୁ ଧାନ କିଣୁଛନ୍ତି ଦଲାଲ୍‌ମାନେ**
- **ପଶ୍ଚିମ ଓଡିଶାରେ ହଜାର ହଜାର କ୍ୱିଂଟାଲ ଧାନ ମଣ୍ଡି ଖୋଲା ନଯିବାରୁ ଗଦା ହୋଇଛି**

**ଭୁବନେଶ୍ୱର: ତା୨/୧୨ -** ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପିଛା ୧୭୫୦ ଟଙ୍କା ଥିବାବେଳେ ଚାଷୀଙ୍କୁ ମିଳୁଛି ମାତ୍ର ୧୦୦୦ରୁ ୧୨୦୦ ଟଙ୍କା । ବାକି ଟଙ୍କା ଶାସକଦଳର ନେତା ଓ ମନ୍ତ୍ରୀମାନଙ୍କ ପକେଟ୍‌କୁ ଯାଉଛି ବୋଲି ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି ।

ଏବେ ପଶ୍ଚିମ ଓଡିଶାରେ ହଜାର ହଜାର କ୍ୱିଂଟାଲ ଧାନ ମଣ୍ଡି ଖୋଲା ନଯିବାରୁ ଗଦା ହୋଇଛି । ସିଭିଲ ସପ୍ଲାଇ ଅଧିକାରୀଙ୍କୁ ପଚାରିବାରୁ ସେମାନେ ମିଲରମାନଙ୍କ ସହ କଥାବାର୍ତା କରାଯିବ କଥା କହି ହାତଟେକି ଦେଇଛନ୍ତି । ୪-୫ କିଲୋରୁ ଅଧିକ ଧାନ ନକାଟିଲେ ମିଲରମାନେ ମଣ୍ଡିରୁ ଧାନ ଉଠାଉନାହାନ୍ତି ବୋଲି ଶ୍ରୀ ପୁରୋହିତ୍ କହିଛନ୍ତି ।

ନଭେମ୍ବର ୫ତାରିଖରୁ ଧାନ ମଣ୍ଡି ଖୋଲ ହେବାର ଲମ୍ବା ତାଲିକା ରାଜ୍ୟ ସରକାରଙ୍କ ପାଖରେ ଥିବାବେଳେ ବର୍ତମାନ ସୁଦ୍ଧା ଅଳ୍ପ କେତୋଟି ମଣ୍ଡି ଖୋଲାଯାଇଛି । କ୍ୱିଂଟାଲ କ୍ୱିଂଟାଲ ଧାନ ଗଦା ହୋଇଥିବାବେଳେ ଅନେକ ଯାଗାରେ ଏଯାବତ୍ ଧାନ ମଣ୍ଡି ଖୋଲା ଯାଇନାହିଁ । ୧୦୦୦-୧୨୦୦ ଧାନ କିଣୁଛନ୍ତି ଦଲାଲ୍‌ମାନେ । ଦୌରାତ୍ମରେ ଅତ୍ୟବ୍ୟସ୍ତ ହୋଇ ସରଳ ଚାଷୀ ଅଭାବୀ ବିକ୍ରି ପାଇଁ ବାଧ ହେଉଛି । ୧୭୫୦ ଟଙ୍କା ଧାନର ସର୍ବନିମ୍ନ ମୂଲ୍ୟ ଚାଷୀମାନଙ୍କ ନକଲି ପ୍ରମାଣ ପତ୍ର ଦେଖାଇ ଚାଷୀଙ୍କଠୁ ଲୁଟ୍ କରାଯାଉଥିବା ଟଙ୍କା ସିଧାସଳଖ ମନ୍ତ୍ରୀଙ୍କ ପ୍ୟାକେଟ୍ ଯାଉଛି ବୋଲି ଶ୍ରୀ ପୁରୋହିତ୍ କହିଛନ୍ତି ।

ରାଜ୍ୟ ଅର୍ଥନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଚାଷୀମାନଙ୍କ ପାଇଁ ରାଜ୍ୟ ସରକାର ବାରମ୍ବାର ପ୍ରତାରିତ କରିଚାଲିଛନ୍ତି ଏବଂ ସରକାରୀ ଅଫିସରମାନେ ହାତରେ ହାତ ବାନ୍ଧି ବସିଛନ୍ତି । ୧୭୫୦ ଟଙ୍କାର ଧାନର ସହାୟକ ମୂଲ୍ୟରେ ଧାନ ବିକ୍ରି ହୋଇନଥିବାରୁ ଏବଂ ମଣ୍ଡି ନଖୋଲାଯିବା କାରଣରୁ ଚାଷୀ ଆତ୍ମହତ୍ୟା ବଢିଚାଲିଛି ବୋଲି ଶ୍ରୀ ପୁରୋହିତ୍ କହିଛନ୍ତି ।

ରାଜ୍ୟରେ ଯେଉଁଭଳି ଭାବେ ସରକାର ଚାଷୀମାନଙ୍କୁ ଶୋଷଣ କରୁଛନ୍ତି ଏହାର ଆଗାମୀ ଦିନରେ ଓଡିଶାବାସୀ ଏହାର ସଠିକ୍ ଜବାବ ଦେବେ ବୋଲି ଶ୍ରୀ ପୁରୋହିତ୍ କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**